## **ପୁଲିସ କମିସନରେଟ୍ ଭୁବନେଶ୍ୱର – କଟକ**
## **ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ**

ପୁଲିସ କମିଶନରେଟ୍, ଭୁବନେଶ୍ୱର ଏବଂ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲାରେ ନିମ୍ନଲିଖିତ ଖାଲିଥିବା ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ନିର୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲା – ୧୦୦

କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା - ୫୦

ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲା ପାଇଁ ଦରଖାସ୍ତ ଗୁଡ଼ିକ ଏ.ସି.ପି. ଟ୍ରାଫିକ୍, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଏବଂ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା ପାଇଁ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟରେ ତା. ୧୮.୦୪.୨୦୨୫ ରିଖ ସନ୍ଧ୍ୟା ୫ ଘଟିକା ସୁଧା ଦାଖଲ କରିବେ । ନିର୍ଧାରିତ ତାରିଖ ପରେ ଦାଖଲ କରାଯାଇଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦାରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ । ଏଥିପାଇଁ ଆବଶ୍ୟକୀୟ ନିୟମାବଳୀ ଓ ଦରଖାସ୍ତ ଫର୍ମ ଭୁବେନଶ୍ୱର ଏ.ଜି. ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, ଭୁବନେଶ୍ୱର ଓ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟରେ ବିନା ମୂଲ୍ୟରେ ମିଳିବ । କମିସନରେଟ୍ ପୁଲିସ ୱେବସାଇଟ୍ www.bhubaneswarcuttackpolice.gov.in ରେ ମଧ୍ୟ ଏହା ଉପଲବ୍ଧ ହେବ ।

**ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ**

୧. ଦରଖାସ୍ତକାରୀ ଓଡ଼ିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଭୁବନେଶ୍ୱର ଏବଂ କଟକ ସ୍ଥିତ ଯେକୌଣସି ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀ ହେବା ଆବଶ୍ୟକ ।

୨. ଦରଖାସ୍ତକାରୀ ଭାରତୀୟ ନାଗରିକ ହୋଇଥିବେ ।

୩. ଦରଖାସ୍ତକାରୀଙ୍କ ବୟସ ୧୮ ବର୍ଷ ରୁ ଉର୍ଦ୍ଧ୍ୱ ହୋଇଥିବ ଏବଂ ୨୩ ବର୍ଷରୁ କମ୍ ହୋଇଥିବ ।

୪. ସେ ଶାରୀରିକ, ମାନସିକ ଓ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଟ୍ରାଫିକ୍ ପରିଚାଳନା ପାଇଁ ସକ୍ଷମ ହୋଇଥିବେ ।

୫. ଦରଖାସ୍ତକାରୀଙ୍କ ଉଚ୍ଚତା ଆରକ୍ଷୀ ପଦବୀ ନିମିତ୍ତ ଧାର୍ଯ୍ୟ ଉଚ୍ଚତା ହୋଇଥିବ ।

୬. ଟ୍ରାଫିକ୍ କାର୍ଯ୍ୟରେ ଥିବା ବେଳେ ଟ୍ରାଫିକ୍ ପୁଲିସ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନିବେ ଏବଂ ନିଜର ଇଚ୍ଛା ମୁତାବକ କୌଣସି କାର୍ଯ୍ୟ କରିବେ ନାହିଁ ।

୭. ଦରଖାସ୍ତ ଫର୍ମରେ ଦରଖାସ୍ତକାରୀ ଡ୍ୟୁଟି କରିବା ଲାଗି ନିଜ ପସନ୍ଦର ୩ ଗୋଟି ଟ୍ରାଫିକ୍ ଛକର ନାମ ଦେବେ ଏବଂ ଡ୍ୟୁଟି କରିବାର ସମୟ ଯଥା – ସକାଳ ୮ ଟାରୁ ୧୧ ଟା କିମ୍ବା ଅପରାହ୍ନ ୫ ଟାରୁ ରାତ୍ର ୮ ଟା ମଧ୍ୟରୁ ଗୋଟିଏ ବାଛିବେ । ସେମାନେ ପ୍ରତ୍ୟେକ ମାସରେ ୧୫ ଦିନ କାର୍ଯ୍ୟ କରିବେ ଏବଂ ଦିନକୁ ୧୦୦ ଟଙ୍କା ହିସାବରେ (୧୫x୧୦୦) ୧୫୦୦ ଟଙ୍କା ପାଇବେ ।

୮. ଦରଖାସ୍ତରେ ଦରଖାସ୍ତକାରୀଙ୍କ ସ୍ୱାକ୍ଷର ସହିତ ନିଜ ଅଞ୍ଚଳର କିମ୍ବା ବିଦ୍ୟାଳୟର ୨ ଜଣ ଭଦ୍ର ବ୍ୟକ୍ତିଙ୍କର ସ୍ୱାକ୍ଷର ସହିତ କଲେଜ୍ ଅଧକ୍ଷଙ୍କର ସ୍ୱାକ୍ଷର ନିଶ୍ଚିତଭାବେ ରହିବା ଆବଶ୍ୟକ ।

୯. ଯେକୌଣସି ଫୌଜଦାରୀ ମାମଲାରେ ସମ୍ପୃକ୍ତ ନଥିବେ ।

୧୦. ପ୍ରାର୍ଥୀ ଉତ୍ତମ ଚରିତ୍ରର ହୋଇଥିବେ ଏବଂ ଭଲ ଚରିତ୍ର ବିଷୟରେ କଲେଜ୍ ଅଧକ୍ଷଙ୍କ ଦ୍ୱାରା ଦରଖାସ୍ତରେ ଅଣୁପ୍ରମାଣିତ ହୋଇଥିବେ ।

୧୧. ପ୍ରାର୍ଥୀଙ୍କର ନିଜ ନାମରେ ଜାତୀୟ ବ୍ୟାଙ୍କରେ ଜମାଖାତା ଥିବା ଆବଶ୍ୟକ ।

୧୨. ପ୍ରାର୍ଥୀ କେବେ ନିଜ କାର୍ଯ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଆନ୍ଦୋଳନାତ୍ମକ/ବିକ୍ଷୋଭ ପ୍ରଦର୍ଶନ କରିବେ ନାହିଁ ।

୧୩. ପ୍ରାର୍ଥୀ କାର୍ଯ୍ୟ କରୁଥିବା ସମୟରେ ପଦଚାରୀ ମାନଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ସହିତ ନିଜେ ଅନୁଶାସିତ ହୋଇ କାର୍ଯ୍ୟ ସମ୍ପାଦନ କରିବେ ।

୧୪. ଟ୍ରାଫିକ୍ କାର୍ଯ୍ୟରତ ସମୟରେ ପୁଲିସ କମିସନରେଟ୍ ଲୋଗୋ ଥିବା ଟି-ସାର୍ଟ ଏବଂ ଟୋପି ପରିଧାନ କରିବେ ।

୧୫. ପ୍ରତ୍ୟେକ ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀଙ୍କର କାର୍ଯ୍ୟ କରିବାର ଅବଧି ୧ ବର୍ଷ ଅଟେ । ଏହା ତାଙ୍କର କାର୍ଯ୍ୟ କରିବାର ଦକ୍ଷତା ଏବଂ ଅନୁଶାସନକୁ ଦେଖି ଆଉ ୧ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ।

୧୬. ଯଦି କୌଣସି ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଟ୍ରାଫିକ୍ ନିୟନ୍ତ୍ରଣ କାର୍ଯ୍ୟ କରିବା ସମୟରେ କୌଣସି ଦୁର୍ଘଟଣା ଜନିତ କ୍ଷୟକ୍ଷତି ହୁଏ ସେଥିପାଇଁ କୌଣସି ପୁଲିସ ଅଧିକାରୀ କିମ୍ବା ପୁଲିସ ବିଭାଗ ଦାୟୀ ରହିବେ ନାହିଁ ।

୧୭. ଯଦି କୌଣସି ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଉପରୋକ୍ତ ନିୟମାବଳି କୁ ଉଲଂଘନ କରନ୍ତି କିମ୍ବା ବିଶୃଙ୍ଖଳା ଜନିତ କାର୍ଯ୍ୟ କରନ୍ତି, ତାଙ୍କୁ ଯେକୌଣସି ସମୟରେ ବହିଷ୍କାର କରାଯାଇପାରିବ ।

୧୮. ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ଦରଖାସ୍ତ ସମ୍ପୂର୍ଣ୍ଣ ଓ ସଠିକ ଭାବରେ ପୂରଣ କରିବା ସହ ସାକ୍ଷୀ ଓ ଶିକ୍ଷା ଅନୁଷ୍ଠାନର ମୁଖ୍ୟଙ୍କ ଦରଖାସ୍ତ ଫର୍ମ ଗୁଡ଼ିକୁ ଭୁବନେଶ୍ୱର ଏ.ଜି. ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଏବଂ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟରେ ତା. ୧୮.୦୪.୨୦୨୫ ରିଖ ସନ୍ଧ୍ୟା ୫ ଘଟିକା ସୁଧା ଦାଖଲ କରିବେ ।

୧୯. ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ନିର୍ଧାରିତ ତାରିଖ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ଗ୍ରହଣ କରାଯିବ ନାହିଁ ।

**ସ୍ଥାନ –**

**ତାରିଖ -**

## ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ନିମନ୍ତେ ଆବେଦନ ପତ୍ର ।

ଫଟୋ ଲଗାଇବେ (୨୦୨୫ ମସିହାରେ ଉତ୍ତୋଳନ ହୋଇଥିବା ଆବଶ୍ୟକ)

୧. ନାମ - ବୟସ -

୨. ପିତା/ମାତାଙ୍କର ନାମ -

୩. ଯଦି ବିବାହିତ/ବିବାହିତା, ତେବେ ସ୍ୱାମୀ କିମ୍ବା ସ୍ତ୍ରୀଙ୍କର ନାମ -

୪. ସ୍ଥାୟୀ ଠିକଣା -

ଗ୍ରାମ - ପୋ- ଥାନା -

ଜିଲ୍ଲା - ପିନ୍ -

୫. ବର୍ତ୍ତମାନ ଠିକଣା -

ଗ୍ରାମ - ପୋ- ଥାନା -

ଜିଲ୍ଲା - ପିନ୍ -

୬. ଚିହ୍ନଟ ନିମନ୍ତେ ଶରୀରରେ ଥିବା ଦାଗ –

୭. ଶିକ୍ଷାଗତ ଯୋଗ୍ୟତା -

୮. କଲେଜ୍/ମହାବିଦ୍ୟାଳୟର ନାମ –

୯. ଯୋଗାଯୋଗ ପାଇଁ ମୋବାଇଲ ନମ୍ବର -

୧୦. ଡ୍ୟୁଟି ନିମନ୍ତେ ନିଜ ପସନ୍ଦର ୩ ଗୋଟି ଛକର ନାମ ଓ ସମୟ -

୧୧. ବ୍ୟାଙ୍କ ଜମାଖାତାର ନମ୍ବର - (ବ୍ୟାଙ୍କ ଜମାଖାତାର ନକଲ ସଲଗ୍ନ କରିବେ)

## ଘୋଷଣାନାମା

ମୁଁ ଶ୍ରୀ/ଶ୍ରୀମତୀ/କୁମାରୀ.. ବୟସ.. ବର୍ଷ

ପିତା/ମାତା/ସ୍ୱାମୀ/ସ୍ତ୍ରୀ.. ଗ୍ରାମ..

ପୋ.. ଥାନା.. ଜିଲ୍ଲା..

ଜିଲ୍ଲା .. ପିନ୍..

ବର୍ତ୍ତମାନ ଠିକଣା – ଗ୍ରାମ - ପୋ.. ଥାନା ..

ଜିଲ୍ଲା .. ପିନ୍.. , ଭୁବନେଶ୍ୱର ଏତଦ୍ୱାରା ଘୋଷଣା କରୁଅଛି କି, ମୁଁ ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଯୋଜନାକୁ ଭଲଭାବେ ବୁଝିଅଛି । ଏହା ଏକ ସମ୍ପୂର୍ଣ୍ଣ ସ୍ୱେଚ୍ଛାସେବୀ କାର୍ଯ୍ୟ ଅଟେ । ମୁଁ ଏହା ମଧ୍ୟ ବୁଝିଅଛି ଯେ ଏହା ଏକ ଶାରୀରିକ ଭାବେ କ୍ଲାନ୍ତି ସୃଷ୍ଟିକାରୀ ଓ ବିପଦ ପୂର୍ଣ୍ଣ କାର୍ଯ୍ୟ ଅଟେ । ମୁଁ ମୋ ନିଜ ଇଚ୍ଛାରେ ସାଧାରଣ ଜନତାଙ୍କର ସେବା କରିବା ନିମନ୍ତେ ଆଗ୍ରହୀ ଅଟେ । କୌଣସି ବ୍ୟକ୍ତି/ଅନୁଷ୍ଠାନ ମୋତେ ଏହି କାର୍ଯ୍ୟ କରିବା ନିମନ୍ତେ ବାଧ୍ୟ କରିନାହାନ୍ତି । ତେଣୁ ଏହି ସ୍ୱେଚ୍ଛାସେବୀ କାର୍ଯ୍ୟ ସମ୍ପାଦନ ସମୟରେ କୌଣସି ପ୍ରକାରର ଦୁର୍ଘଟଣା ପାଇଁ କେହି ଦାୟୀ ହେବେ ନାହିଁ ।

ମୁଁ ଉପରୋକ୍ତ ନିୟମାବଳୀକୁ ପଢି ବୁଝିଅଛି । ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ ମୁଁ ନିଜ ଇଚ୍ଛାରେ ସମସ୍ତ ସର୍ତ୍ତକୁ ପାଳନ କରିବା ନିମନ୍ତେ ସମ୍ମତି ପ୍ରଦାନ କରୁଅଛି ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି କି ମୁଁ କୌଣସି ଫୌଜଦାରୀ ମାମଲାରେ ଜଡ଼ିତ ନାହିଁ କିମ୍ବା କୌଣସି ମାମଲା ମୋ ବିରୁଦ୍ଧରେ ଥାନା କିମ୍ବା କୋର୍ଟରେ ବିଚରାଧିନ ନାହିଁ ।

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ତଥ୍ୟଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ ଅଟେ ।

**ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର**

୧. ପ୍ରଥମ ସାକ୍ଷୀଙ୍କ ପୂର୍ଣ୍ଣ ସ୍ୱାକ୍ଷର –

ମୋବାଇଲ ନମ୍ବର –

୨. ଦ୍ୱିତୀୟ ସାକ୍ଷୀଙ୍କ ପୂର୍ଣ୍ଣ ସ୍ୱାକ୍ଷର –

ମୋବାଇଲ ନମ୍ବର –

## <u>ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ମୁଖ୍ୟଙ୍କ ଘୋଷଣାନାମା</u>

ମୁଁ ଅଧ୍ୟକ୍ଷ/ମୁଖ୍ୟ

ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ଏତଦ୍ ଦ୍ୱାରା ପ୍ରମାଣିତ କରୁଅଛି ଯେ ଶ୍ରୀ/ଶ୍ରୀମତୀ/କୁମାରୀ..

ବୟସ .. ବର୍ଷ - ପିତା/ସ୍ୱାମୀ- ଗ୍ରାମ -

ପୋ - ଥାନା - ଜିଲ୍ଲା - ପିନ୍ -

ଆମ୍ଭ ଅନୁଷ୍ଠାନରେ ମସିହା ଠାରୁ ଅଧ୍ୟୟନ କରୁଅଛନ୍ତି । ସେ ଜଣେ ଉତ୍ତମ ଚରିତ୍ରର ଛାତ୍ର/ଛାତ୍ରୀ ଅଟନ୍ତି । ସେ ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟ ପାଇଁ ଇଚ୍ଛୁକ ଅଟନ୍ତି ଏବଂ ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ କେହି ବାଧ କରିନାହାନ୍ତି ।

**ଅନୁଷ୍ଠାନ ମୁଖ୍ୟଙ୍କ ସ୍ୱାକ୍ଷର**